# ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, କୋରାପୁଟ ଜିଲ୍ଲା

## ବିଜ୍ଞାପନ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, କୋରାପୁଟ ଙ୍କ ତରଫରୁ ୩୨ ଗୋଟି ଖାଲିଥିବା ଆଟେଣ୍ଡେଣ୍ଟ Attendant (ଗ୍ରୁପ- D) ପଦବୀ ନିମନ୍ତେ ଚୁକ୍ତି ଭିତ୍ତିକ ପଦ୍ଧତି ରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଅଛନ୍ତି । ତଦନୁଯାୟୀ, ଖାଲିଥିବା ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂ | ବର୍ଗ | ଖାଲିଥିବା ପଦବୀ ସଂଖ୍ୟା | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ |
| ୧ | ଅନୁସୂଚିତ ଜନଜାତି (ST) | ୫ | ୨ | ୭ |
| ୨ | ଅନୁସୂଚିତ ଜାତି (SC) | ୩ | ୨ | ୫ |
| ୩ | ସାମାଜିକ ଆର୍ଥିକ ଅନଗ୍ରସର ଶ୍ରେଣୀ (SEBC) | ୩ | ୧ | ୪ |
| ୪ | ଅଣ ସଂରକ୍ଷିତ (UR) ବର୍ଗ | ୪ | ୧୨ | ୧୬ |
| | ମୋଟ | ୧୫ | ୧୭ | ୩୨ |

ବି.ଦ୍ର. ୧. ଭିନ୍ନକ୍ଷମ ପ୍ରାର୍ଥୀ/ପ୍ରାର୍ଥୀନୀ ନିମନ୍ତେ ୪% ସ୍ଥାନ ସଂରକ୍ଷିତ ରହିବ ।

୨. ପ୍ରକାଶ ଥାଉକି କୌଣସି ବର୍ଗର ମହିଳା ପ୍ରାର୍ଥୀନୀ ନମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ବାରା ଉକ୍ତ ପଦବୀକୁ ପୂରଣ କରାଯିବ ।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀ, କୋରାପୁଟ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିପାରିବେ । ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଆବଶ୍ୟକୀୟ ଯୋଗ୍ୟତା:-**

୧.କ. ପ୍ରାର୍ଥୀ/ପ୍ରାର୍ଥୀନୀ ଓଡିଶା ସରକାରଙ୍କ ସ୍ବୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ/ ବିଦ୍ୟାଳୟରୁ ମଧ ଇଂରାଜୀ ପରୀକ୍ଷା କିମ୍ବା ତତୁଲ୍ୟ ପରୀକ୍ଷା ରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

ଖ . ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ୩ ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କୁଶଳତାର ଅଭିଜ୍ଞତା ଥିବା ଆବଶ୍ୟକ । ପ୍ରକାଶ ଥାଉକି ଉକ୍ତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ Recruitment ପ୍ରକ୍ରିୟା ରେ ଅଂଶ ଗ୍ରହଣ କରିପାରିବେ ।

୨. ପ୍ରାର୍ଥୀ/ପ୍ରାର୍ଥୀନୀ ଓଡିଆ ଭାଷା ରେ କହିବା, ପଢିବା ଓ ଲେଖିବାରେ ସମର୍ଥ ଥିବେ ।

୩. ପ୍ରାର୍ଥୀ/ପ୍ରାର୍ଥୀନୀ ଉତ୍ତମ ନୈତିକ ଚରିତ୍ରବାନ ହୋଇଥିବେ ।

୪. ପ୍ରାର୍ଥୀ/ପ୍ରାର୍ଥୀନୀ ଭାରତର ନାଗରିକ ଏବଂ କୋରାପୁଟ ଜିଲ୍ଲା ର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୫. ବିବାହିତ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଏକାଧିକ ପତ୍ନୀ / ସ୍ୱାମୀ ଜୀବିତ ନ ଥିବେ, ଯାହାକି ବିବାହ ସମ୍ପର୍କିତ ବିଭିନ୍ନ ବ୍ୟକ୍ତିଗତ ଆଇନ ଅନୁସାରେ ବୈଧ ହୋଇଥିବା ଆବଶ୍ୟକ ।

୬. ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ବୟସ ୦୧.୦୧.୨୦୧୮ ସୁଦ୍ଧା ୧୮ ରୁ ୩୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଅନୁସୂଚିତ ଜାତି (SC) ଏବଂ ଅନୁସୂଚିତ ଜନଜାତି (ST ) ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମା ଅଧିକ ୦୫ (ପାଞ୍ଚ ) ବର୍ଷ କୋହଳ କରାଯିବ । ବ୍ୟବସ୍ଥା ଅନୁଯାୟୀ ଯେଉଁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କର ଆବଶ୍ୟକ ଯୋଗ୍ୟତା, ଅଭିଜ୍ଞତା ଥିବ , ସେମାନଙ୍କ ନିମନ୍ତେ ସର୍ବୋଚ୍ଚ ବୟସସୀମା ୦୧.୦୧.୨୦୧୮ ସୁଦ୍ଧା ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୭. ପ୍ରାର୍ଥୀ/ପ୍ରାର୍ଥୀନୀ ସେମାନଙ୍କ ନାମ ଆବେଦନ କରୁଥିବା ଜିଲ୍ଲାର କର୍ମନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ।

ଶାରୀରିକ ଦକ୍ଷତା:-

୧. ପ୍ରାର୍ଥୀ/ପ୍ରାର୍ଥୀନୀ ଉତ୍ତମ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସମ୍ପନ୍ନ ହୋଇଥିବା ସହ ତାଙ୍କର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କଲାଭଳି କୌଣସି ଶାରୀରିକ ତ୍ରୁଟି ନଥିବ ।

୨. ପ୍ରାର୍ଥୀ/ପ୍ରାର୍ଥୀନୀ ଙ୍କ ଉଚ୍ଚତା ୫ ଫୁଟ ରୁ କମ ହୋଇନଥିବା ଆବଶ୍ୟକ ।

୩. ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସମ୍ପ୍ରସାରିତ ଛାତି ୩୦ (ତିରିଶି) ଇଞ୍ଚ ହୋଇଥିବା ଆବଶ୍ୟକ । ମହିଳା ପ୍ରାର୍ଥିନୀଙ୍କ କ୍ଷେତ୍ରରେ ଛାତି ର ମାପ ନିଆଯିବ ନାହିଁ ।

୪. ପ୍ରାର୍ଥୀ/ପ୍ରାର୍ଥୀନୀ ସାଇକଲ ଚଳାଇ ପାରୁଥିବା ଆବଶ୍ୟକ ।

ଚୟନ ପ୍ରକ୍ରିୟା:- ଓଡିଶା ସରକାରଙ୍କର ପତ୍ର ସଂଖ୍ୟା ୧୪୪୫୩ / FARD ତା ୧୯.୧୧.୨୦୧୮ ରିଖ ଅନୁଯାୟୀ ।

୧. ଜିଲ୍ଲାପାଳ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଚୟନ କମିଟି ଦ୍ୱାରା ପ୍ରତିଯୋଗୀତା ମୂଳକ ପରୀକ୍ଷା ମାଧ୍ୟମରେ ଏହି ଆଟେଣ୍ଡେଣ୍ଟ (Attendant ) ପଦବୀ ନିମନ୍ତେ ସିଧାସଳଖ ଚୟନ କରାଯିବ ।

୨. ଚୟନ ପ୍ରଣାଳୀର ମୋଟ ୧୦୦ ନମ୍ବର କୁ ବିଚାରକୁ ନିଆଯାଇ, ତନ୍ମଧ୍ଯରୁ ସର୍ବାଧିକ ୫୦ ନମ୍ବର କୃତ୍ରିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ । ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ (NPCBB) ଅଧୀନରେ କୃତ୍ରିମ ପ୍ରଜନନ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ୦୩ (ତିନି) ବର୍ଷ ର ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କୁ ୩୦ ନମ୍ବର ଓ ତା ପରବର୍ତ୍ତୀ ପ୍ରତି ୦୧ (ଏକ) ବର୍ଷ ର ଅଭିଜ୍ଞତା ପାଇଁ ଅଧିକ ୫ (ପାଞ୍ଚ) ନମ୍ବର ଲେଖାଏଁ (ସର୍ବାଧିକ ସୀମା ୫୦) ପ୍ରଦାନ କରାଯିବ ।

୩. ଅବଶିଷ୍ଟ ୫୦ ମାର୍କ ର ଲିଖିତ ପରୀକ୍ଷା ଦ୍ୱାରା ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଓଡିଆ ପଠନ ଓ ଲିଖନ ଦକ୍ଷତା ଆକଳନ କରାଯିବ ।

ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକ ପ୍ରମାଣ ପତ୍ରର ଅବିକଳ ନକଲ (Attested true copy ) ସହ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, କୋରାପୁଟ (Chief District Veterinary Officer, Koraput ) ଙ୍କ କାର୍ଯ୍ୟାଳୟ ରେ ରେଜିଷ୍ଟ୍ରି ଡାକ ଦ୍ୱାରା (By Registered Post ) କିମ୍ବା ବ୍ୟକ୍ତିଗତ ଭାବେ (ଅଫିସ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ) ଆବେଦନ କରିପାରିବେ । ଦରଖାସ୍ତ ପଠାଇ ଥିବା ଲଫାପା ଉପରେ " ଆଟେଣ୍ଡେଣ୍ଟ (Attendant) (ଗ୍ରୁପ- D) ପଦବୀ ନିମନ୍ତେ ଦରଖାସ୍ତ" ବୋଲି ଉଲ୍ଲେଖ କରିବା ଆବଶ୍ୟକ ।

ପ୍ରକାଶଥାଉକି ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବାର ଅଧିକାର ଜିଲ୍ଲା ଚୟନ କମିଟି ର ରହିଅଛି ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୦୭.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା ।

# ଦରଖାସ୍ତ ଫର୍ମ

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

ଫଟୋ ସଂଲଗ୍ନ କରାଯିବ

୧. ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ନାମ :

୨. ପିତା / ସ୍ୱାମୀଙ୍କ ନାମ :

୩. ସ୍ଥାୟୀ ଠିକଣା : ଗ୍ରାମ ................................ ପୋଷ୍ଟ ..........................................

ଭାୟା .................... ଜିଲ୍ଲା ................................ପିନ ..................

୪. ଯୋଗାଯୋଗ ଠିକଣା : ଗ୍ରାମ ................................ ପୋଷ୍ଟ ..........................................

ଭାୟା .................... ଜିଲ୍ଲା ................................ପିନ ..................

୫. ଜାତୀୟତା :

୬. ଜନ୍ମ ତାରିଖ :

୭. ଶିକ୍ଷାଗତ ଯୋଗ୍ୟତା :

୮. ଉଚ୍ଚତା : ଛାତି ଅଣସଂପ୍ରସାରିତ :

୯. ଜାତି (SC/ST/SEBC/GEN) :

୧୦. ବିବାହିତ/ଅବିବାହିତ :

୧୧. ପୁରୁଷ/ ସ୍ତ୍ରୀ :

୧୨. କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ରମିକ ନମ୍ବର ଓ ତାରିଖ:

ମୁଁ ଏତଦ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ:

ଆବେଦନକାରୀଙ୍କ ସ୍ୱାକ୍ଷର

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ପ୍ରମାଣ ପାତ୍ର ର ସ୍ୱ ପ୍ରମାଣିତ ନକଲ (Self Attested copies ) :

୧. ନିଜର ଦୁଇଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ।

୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ଚରିତ୍ର ପ୍ରମାଣ ପତ୍ର ।

୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।

୫. କର୍ମନିଯୋଜନ ସଂସ୍ଥାର ପଞ୍ଜୀକୃତ କାର୍ଡ ।

୬. ଜାତିଗତ ପ୍ରମାଣ ପତ୍ର (SC / ST /SEBC) ।

୭. ଦୁଇଗୋଟି ଚରିତ୍ର ପ୍ରମାଣପତ୍ର ଭିନ୍ନ ଭିନ୍ନ ଗେଜେଟେଡ଼ ଅଫିସରଙ୍କ ଠାରୁ ଯେକି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସମ୍ପର୍କୀୟ ହୋଇନଥିବେ ।

୮. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସ୍ଥଳେ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ (ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) ତିନି ବର୍ଷ ଓ ତଦାଧିକ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ର ।

ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ: ୦୭.୦୧.୨୦୧୯

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ, ତାହା ଗ୍ରହଣ କରାଯିବ ନହିଁ । ପ୍ରାର୍ଥୀ/ପ୍ରାର୍ଥୀନୀ ତାଙ୍କ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ / ଆବଶ୍ୟକୀୟ ପ୍ରମାଣ ପତ୍ର (Self attested copy) ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

ସ୍ୱା/-

ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ

କୋରାପୁଟ